# ଶ୍ରୀମଦ୍ଭାଗବତେ

କବି ରଘୁନାଥ ଦାସ

ଦେବକୀ ମୁଁ ଅବରୁଦ୍ଧା;

ଅଦୂରେ ମୋ ଜମୁନାର ବିକ୍ଷବ୍ଧ ଲହରୀ

ମଥାପିଟେ

ରାତ୍ରିଭରି ଉନ୍ନିଦ୍ର ପ୍ରହରୀ

ରହି ରହି କୁହାଟୁଛି;

ହୋସିଆର! ହୋସିଆର!

ପରିବ୍ୟାପ୍ତ ତମିସ୍ରାର

ନିସ୍ତବ୍ଧତା-ଜଡ଼ିତା କବରୀ ।

ଅକସ୍ମାତ୍ ବୃକ୍ଷକ୍ରୋଟେ ଶୁଭେ କା'ର

ଚକିତ କାକଳି...

ମୁହୂର୍ତ୍ତକ ପାଇଁ

(ମୋ ପରି ଅଭାଗୀ କିଏ

ସଦ୍ୟ ଶିଶୁ ବସିଛି ହରାଇ)

ନିସ୍ତବ୍ଧତା ପୁଣି ଯାଏ ଛାଇ... ।

ନିଷ୍ପ୍ରଦୀପ ମଥୁରାର ଘରେ ଘରେ

www.jataayu.org

# ଶ୍ରୀମଦ୍ଭାଗବତେ

କବି ରଘୁନାଥ ଦାସ

ନିସ୍ପନ୍ଦ ଜଡତା;

ଅନ୍ଧାରର ଫାଙ୍କେ ଫାଙ୍କେ

କିଏ ଯେହ୍ନେ ଡାକେ ଡାକେ

ମୌନ ମୁନି କହ କହ କଥା!

କେତେ କାଳ ଥିବ ରହି ଏହିଭଳି

ନିସ୍ପନ୍ଦ; ନିସ୍ତବ୍ଧ?

ବିସ୍ଫାରିତ କର ଚକ୍ଷୁ,

ରୋଷାନଳେ କର ତୁମେ ଦଗ୍‌ଧ-

ଗ୍ଳାନି ଯେତେ;

ବିସ୍ଫୋରକ ଭରିଦିଅ

ବ୍ୟଥିତର ବକ୍ଷେ

କାରାକକ୍ଷେ ।

ଭୟଙ୍କର କଂସପୁରୀ,

ଭାଙ୍ଗ କାରଗାର;

ଉନ୍ନିଦ୍ର ପ୍ରହରୀ

www.jatayu.org

ରହି ରହି କୁହାଟୁଛି:

ହୋସିଆର! ହୋସିଆର!

ଦେବକୀ ମୁଁ

ପ୍ରକୃତିର ପ୍ରତିକୃତି,

ମୁଁ ଯେ ଜଗନ୍ମାତା ।

ଯୁଗେ ଯୁଗେ ଏହି ଭଳି

ଲେଖିଛିଇ ନିଷିଦ୍ଧ କବିତା

ଆଗାମୀର ।

ଯଗେ ଯୁଗେ ସଂଗୋପନେ

ମୋ ଗର୍ଭେ ସଞ୍ଚରେ

ନାରାୟଣ;

ବନ୍ଦିଶାଳେ ଜନ୍ମନିଏ

ନିଶୀଥ ପ୍ରହରେ

ଦେବଶିଶୁ ।

ଅକଲ୍ୟାଣ ବେଆଇନ୍

www.jatayu.org

# ଶ୍ରୀମଦ୍ଭାଗବତେ

କବି ରଘୁନାଥ ଦାସ

ସେ ନବଜାତକ

ବାସୁକୀର ଫଣା ତଳେ

ଗଢ଼େ ତା'ର ଜୀବନ ଫଳକ!

ଝଡ ଠାରୁ ବଡ ସେହୁ

ମୃତ୍ୟୁ ତାକୁ ଛାଡି ଦିଏ ବାଟ;

କଂସର ବଇରୀ ବଢ଼େ

ଗୋପପୁରେ

ଯଶୋଦାର ଚାଟ ।

ଦେବକୀ ମୁଁ

ମୁଁ ତ ଯୁଗ ପ୍ରସବନୀ,

ମୁଁ କୃଷ୍ଣଜନନୀ

ମୋର ରକ୍ତ ସ୍ରାବେ

ଦେଖ, ଲାଲ ହୁଏ କଳାପାଣି

ଯମୁନାର ।

ହୋସିଆର ।ହୋସିଆର ।

www.jatayu.org

# ଶ୍ରୀମଦ୍ଭାଗବତେ

କବି ରଘୁନାଥ ଦାସ

ପତାକା

ବନ୍ଧୁ ତୋଳିଧର ତୋଳିଧର

ସେ ପତାକା

ଅଙ୍କେ ଯାର ସୂର୍ଯ୍ୟ ରାଜେ ପୂର୍ଣ୍ଣତେଜେ,

ଆରପଟେ ଶରତର କମନୀୟ ଇନ୍ଦୁ |୦|

ସଂଗ୍ରାମେ ଯେ ଅଗ୍ରଦୂତ, ଅବିନୀତ ଶିର

ପ୍ରାଣୀ ପୂର୍ଣ୍ଣ ଭକ୍ତି ଅର୍ପେ ଯାକୁ ବସ୍ତି ଓ କୁଟୀର,

କ୍ରୀତଦାସ ପଦଧୂଳି ମାଖି ତା କପାଳେ

ବରାଭୟ ଦିଏ ଯେହୁ ବିଶ୍ବଜନତାରେ

ଝରେ ଯାର ପଟୁଆରେ

ବିଦ୍ଧବକ୍ଷୁ ରକ୍ତ ବିନ୍ଦୁ ବିନ୍ଦୁ |୧|

ମିଥ୍ୟାର କୁହେଳି କାଟି ଆଲୋକସରଣୀ

ଶୋଷଣରୁ ଶାପମୁକ୍ତ ସୁଶାନ୍ତଧରଣୀ

କରିବାକୁ ପଣ ଯା'ର ; ଆଦର୍ଶେ ଅଟଳ

ଘୋଷେ ଅଚଳ ବିଶ୍ବାସେ: ନିଶ୍ଚିତ ସକାଳ,

www.jataayu.org

Powered by Tekons

ତା'ର ସ୍ବାଗତିକା ଲାଗି

ଲଙ୍ଘି ଚାଲ ସପ୍ତ ମହାସିନ୍ଧୁ |୨|

ଦଗ୍ଧ ହୃଦେ ଲେପିଦିଏ ଶାନ୍ତିର ଚନ୍ଦନ,

ବନ୍ଧନକୁ ଛେଦି ଆଣେ ମୁକ୍ତିର ସନ୍ଧାନ,

ଚଣ୍ଡାଶୋକେ ଶିଖାଏ ଯେ ଅହିଂସାର ବାଣୀ

ଭୋଗଠାରୁ ତ୍ୟାଗ ବଡ, ଜୀବନର ଅମୃତ କାହାଣୀ

ମନ୍ତ୍ର ଗାଇ ବିତରେ ଯେ

ଭ୍ରାତୃତ୍ବର ସଂଜୀବନୀ ମଧୁ |୩|

www.jataayu.org